

ହଁ; ମାତ୍ର ବାଇଶିବର୍ଷର ରେଣୁ ପାଇଁ ଏଇ ତିନୋଟି ଅବସ୍ଥାର ଅବଦାନ କ'ଣ କମ୍ ?

ଅଥଚ ବୀଣା ?

ଯେଉଁ ବୀଣା ଦିନେ ଦେବୀ ସରସ୍ୱତୀଙ୍କ ବାଦ୍ୟଯନ୍ତ୍ର କହି ନିଜକୁ ନିଜେ ପ୍ରଶଂସାରେ ପୋତି ପକାଉଥିଲା; ଆଜି ସେଇ ବୀଣାର ତାଚ୍ଛଲ୍ୟ ଶୁଣି ରେଣୁ କେମିତି ଅବା ଚୁପ୍ ରହିପାରନ୍ତା !

ଏକାନ୍ତ ପ୍ରିୟ ଓ ଅନ୍ତରଙ୍ଗ ସାଙ୍ଗସାଥୀମାନେ ନିଜନିଜ ସୁଖ ପାଇଁ ଅପ୍ରିୟ ହେଇଯିବାକୁ ଉଚିତ୍ ମନେକଲାବେଳେ ସାମ୍ନାସାମ୍ନି ବାଧକ ହେଇ ଛିଡ଼ା ହେବା ଅଥବା ସମ୍ମୁଖଯୁଦ୍ଧର ସାମ୍ନା କରିବା ଆଦୌ ବୁଦ୍ଧିମାନର କଥା ନୁହେଁ । ଏ କଥା ରେଣୁ ଜାଣିଚି । ଆହୁରି ମଧ ବୁଝିଚି ଯେ ନାରୀଟିଏ ଦେହସୁଖ ପାଇଁ ଅନେକ ପୁରୁଷଙ୍କ ସହିତ ସମ୍ପର୍କ ରଖିବା ସାମାଜିକ ନୁହେଁ, ଅସାମାଜିକ । ଚରିତ୍ରବାନ ନୁହେଁ, ଚରିତ୍ରବତୀ ଓ ଅପଥଗାମିନୀର ପରିଚୟ ଦେବାରେ ଅବା କି ସୁଖ ! କି ଆନନ୍ଦ !! କି ଗାରିମା !!!

ଆଜିର ଦିନରେ ଏଇ ବୀଣା ଭଳି ଅନେକ ବୀଣା ଅବଶ୍ୟ ନିଜ ନିଜର ପରିଚୟରେ ଅନ୍ଧୁଣୀ ହେଇ ବାଟ ଚାଲିଲେଣି । କିନ୍ତୁ ରେଣୁ ଭଳି ଆହୁରି ଅନେକ ରେଣୁଙ୍କ ଆବଶ୍ୟକତା ଅଛି ବୋଲି ନିଜେ ରେଣୁ ଅବଶ୍ୟ ପାଶୋରି ଯାଇନି । ମନେ ରଖିଛି । ପ୍ରତିଟି ମୁହୂର୍ତ୍ତ କାମରେ କରି ଦେଖାଉଛି । ପ୍ରତିଦିନ । ଯାହାର ସର୍ବପ୍ରଥମ ଓ ସର୍ବଶେଷ ପ୍ରମାଣ ହେଲା; ପୁଣି ଥରେ ଆଉ ଜଣେ ପୁରୁଷ ସହିତ ସଂସାର ତିଆରି ନ କରିବାର ଶପଥ । ପ୍ରତିଜ୍ଞା । ନିଜେ ଜଳି ଜଳି ଝିଅ ଦି'ଜଣକୁ ଆଲୁଅ, ଆଦର୍ଶ ଓ ତ୍ୟାଗ କରିବାର ତପସ୍ୟା । ସିଦ୍ଧି ।

ରେଣୁର ମନେଅଛି; ସ୍ୱାମୀ ବିବେକାନନ୍ଦ ଓ ଭଗିନୀ ନିବେଦିତାଙ୍କ କଥା । ଆଉ ମଧ ଚେଷ୍ଟା ଅବ୍ୟାହତ ରଖିଚି; ଆଉ ଜଣେ ବିବେକାନନ୍ଦଙ୍କର । ନିଜେ ତ ନିବେଦିତା ହେଇସାରିଚି କେତେଦିନରୁ ।

ରେଣୁ ଜାଣେ; ମହାପୁରୁଷଙ୍କ ବାଣୀ ଶୁଣାଇ କିଛି ମଣିଷ ନିଜକୁ ଅବତାରପୁରୁଷର ପରିଚୟ ଦେବାରେ ଆଦୌ ପଛଘୁଞ୍ଚା ଦେଉନାହାନ୍ତି । କାହିଁକି ? କାହିଁକି ଦିନୁଦିନ ଘଟିଚାଲିଚି ଏଭଳି ଅଘଟଣ ।

ମହାପୁରୁଷଙ୍କ ପିଲାଦିନ, ଜୀବନୀ ଓ ବଞ୍ଚିବାର ଉଦ୍ଦେଶ୍ୟ ପଢ଼ି ଶୁଣି ଜାଣିବାକୁ ଚେଷ୍ଟା କଲାବେଳେ କେତେଜଣ ଅବା ନିଜକୁ ସୁଧାରି ପାରିଥାଆନ୍ତି; ଜୀବନଟା ସାରା ।

ରାସ୍ତାରେ ମୋଡ଼, ଛକ କି ବାଙ୍କ ଆସିଲେ ପଥଚାରୀର ଭ୍ରମ ହୁଏ । ଗନ୍ତବ୍ୟସ୍ଥଳ କେଉଁଟା ?

ସେମିତି ବି ମଣିଷ ଜୀବନରେ ଗୋଟିଏ ଦୁର୍ଘଟଣା ତ ପୁଣି ଜୀବନର ଗତିପଥକୁ ପରିବର୍ତ୍ତନ କରିଦିଏ । ଯେମିତିକି; ମହାତ୍ମା ଗାନ୍ଧି, ଗୌତମ ବୁଦ୍ଧ, ସମ୍ରାଟ ଅଶୋକ ।

ଅଥଚ ବୀଣା ! ଏକାଧିକବାର । ଅନେକବାର ଦୁର୍ଘଟଣାର ସମ୍ମୁଖୀନ ହୋଇ କି ବାର୍ତ୍ତା ଶୁଣାଉଛି ରେଣୁକୁ !

ହଁ; ଦୁର୍ଘଟଣା ବିନା ନାରୀଟିଏର ଜୀବନ କ'ଣ କେବେ ଜୀବନଟେ ହେଇପାରେ ? କେଜାଣି !

ଏ ପ୍ରଶ୍ନ ରେଣୁକୁ ନା ବୀଣାକୁ ?

ବୋଧହୁଏ ଆଉ କାହାକୁ !

*ନିଉ କଲୋନୀ, ନେଳିଆବାଗ,*
*ଶ୍ରୀକଣ୍ଠପୁର, ବାଲେଶ୍ୱର-୭୫୬୦୦୧*